# ଖାଉଟୀ ସୁରକ୍ଷା ଆଇନ୍ ୧୯୮୬

ସଂସଦରେ ଗୃହୀତ ହୋଇଥିବା ଏହି ଆଇନ୍ ୨୪.୧୨.୧୯୮୬ରେ ରାଷ୍ଟ୍ରପତିଙ୍କ ଲାଭ କଲାପରେ କେନ୍ଦ୍ର ସରକାରଙ୍କ ବିଜ୍ଞପ୍ତି ବଳରେ ୧୫.୪.୧୯୮୭ ଠାରୁ କେବଳ ଜାମ୍ମୁ ଓ କାଶ୍ମୀରକୁ ବାଦ୍ ଦେଇ ସାରା ଦେଶରେ ବଳବତ୍ତର ହୋଇଥିଲା । ଏହି ଆଇନ୍ ଅଧୀନରେ କେନ୍ଦ୍ରୀୟ ଖାଉଟୀ ସୁରକ୍ଷା ନିୟମାବଳୀ-୧୯୮୬ ଓ ଓଡିଶା ଖାଉଟୀ ସୁରକ୍ଷା ନିୟମାବଳୀ ୧୯୮୭ ଯଥାବିଧି ବିଜ୍ଞାପିତ ହୋଇ ବର୍ତ୍ତମାନ ବଳବତ୍ତର ରହିଛି । ବର୍ତ୍ତମାନ ଏହି ଆଇନ୍ ଅଧୀନରେ ଜାତୀୟ କମିଶନ୍ ସହିତ ୩୫ଟି ରାଜ୍ୟ କମିଶନ୍ ଏବଂ ୫୭୧ଟି ଜିଲ୍ଲା ଫୋରମ୍ କାର୍ଯ୍ୟ କରୁଛି । ପ୍ରତିବର୍ଷ ୨୪ ଡିସେମ୍ବରକୁ ଜାତୀୟ ଖାଉଟୀ ଦିବସ ଏବଂ ୧୫ ମାର୍ଚ୍ଚକୁ ବିଶ୍ୱ ଖାଉଟୀ ଦିବସ ଭାବେ ପାଳନ କରାଯାଉଛି ।

**ଧାରା-୨(ଡି)ରେ 'ଖାଉଟୀ'ର ସଂଜ୍ଞା** ଦିଆଯାଇ କୁହାଯାଇଛି ଯେ, ଜଣେ ବ୍ୟକ୍ତି ଦାମ୍ ବିନିମୟରେ କୌଣସି ଦ୍ରବ୍ୟ ବା ସେବା କିଣୁଥିଲେ ସେ ଖାଉଟୀ ପଦବାଚ୍ୟ ହେବ । **ଧାରା-୨(ସି)ରେ 'ଅଭିଯୋଗ'ର ସଂଜ୍ଞା** ଦିଆଯାଇ କୁହାଯାଇଛି ଯେ, ଯଦି କୌଣସି ବ୍ୟବସାୟୀଙ୍କ ଅସାଧୁ ଉପାୟ ଅବଲମ୍ବନ ଯୋଗୁଁ ଜଣେ ଖାଉଟୀ କ୍ଷତିଗ୍ରସ୍ତ ହେଉଥାନ୍ତି, କିମ୍ବା ଖାଉଟୀ କିଣିଥିବା ଦ୍ରବ୍ୟ ବା ସେବାରେ ଏକ ବା ଅଧିକ ତୃଟି ଥାଏ ଅଥବା ଧାର୍ଯ୍ୟ ମୂଲ୍ୟଠାରୁ ଚଢା ଦାମ୍‌ରେ ଖାଉଟୀ କୌଣସି ଦ୍ରବ୍ୟ ବା ସେବା କିଣିଥାନ୍ତି, ତେବେ ଏହିସବୁ କାରଣ ଭିତ୍ତିରେ ଅଭିଯୋଗ ଦାଖଲ କରାଯାଇପାରିବ । **ଧାରା-୨(ବି)ରେ 'ଅଭିଯୋକ୍ତା'ର ସଂଜ୍ଞା** ଦିଆଯାଇ କୁହାଯାଇଛି, ଜଣେ ଖାଉଟୀ ନିଜେ, ବା କମ୍ପାନୀ ଆଇନ୍ ୧୯୫୬ ବା ଅନ୍ୟ କୌଣସି ଆଇନ୍ ଅଧୀନରେ ପଂଜିକୃତ ହୋଇଥିବା ଗୋଟିଏ ଖାଉଟୀ ସ୍ୱେଚ୍ଛାସେବୀ ସଂଗଠନ, ଅଥବା କେନ୍ଦ୍ର ବା ରାଜ୍ୟ ସରକାର ଏହି ଆଇନ୍ ଅଧୀନରେ ଅଭିଯୋକ୍ତା ହୋଇପାରିବେ ।

ଆଇନ୍‌ର ଦ୍ୱିତୀୟ ଅଧ୍ୟାୟରେ ଉଭୟ କେନ୍ଦ୍ର ଓ ରାଜ୍ୟ ସ୍ତରରେ **ଖାଉଟୀ ସୁରକ୍ଷା ପରିଷଦମାନ** ଗଠିତ ହେବା ଏବଂ କାର୍ଯ୍ୟକାରୀ କରବା ବିଷୟରେ ବ୍ୟବସ୍ଥାମାନ ସ୍ଥାନିତ ହୋଇଛି । କେନ୍ଦ୍ରୀୟ ଖାଦ୍ୟ ଓ ଯୋଗାଣ ବିଭାଗର ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଉଭୟ ସରକାରୀ ଓ ବେସରକାରୀ ପ୍ରତିନିଧିମାନଙ୍କୁ ନେଇ କେନ୍ଦ୍ରୀୟ ଖାଉଟୀ ପରିଷଦ ଓ ସେହି ଢାଞ୍ଚାରେ ଏକ ରାଜ୍ୟ ପରିଷଦ ଗଠିତ ହେବ । ଉଭୟ ପରିଷଦର ଲକ୍ଷ୍ୟ ହେବ, ଧନଜୀବନ ପ୍ରତି ବିପଜ୍ଜନକ ସାମଗ୍ରୀର ବିକ୍ରୀବଟାକୁ ନିଷିଦ୍ଧ କରିବା, ଅସାଧୁ ବ୍ୟବସାୟ କବଳରୁ ସୁରକ୍ଷା ପାଇଁ ଖାଉଟୀ ସଚେତନତା ବୃଦ୍ଧି କରିବା, ଉଚିତ୍ ଓ ପ୍ରତିଯୋଗିତାମୂଳକ ଦରରେ ଖାଉଟୀମାନେ ପଣ୍ୟସାମଗ୍ରୀ କିଣି ପାରିବାର ସୁଯୋଗ ସୃଷ୍ଟି କରିବା, ଖାଉଟୀମାନଙ୍କର ଅଭିଯୋଗ ଶୁଣାଣି ପାଇଁ ପର୍ଯ୍ୟାପ୍ତ ବ୍ୟବସ୍ଥା ସୃଷ୍ଟି କରିବା ତଥା ଖାଉଟୀମାନଙ୍କର ଦାୟିତ୍ୱ ଓ ଅଧିକାର ବିଷୟରେ ସେମାନଙ୍କୁ ସଚେତନ କରିବା ।

ଆଇନ୍‌ର **ତୃତୀୟ ଅଧ୍ୟାୟରେ ଖାଉଟୀ ବିବାଦ ପ୍ରତିକାର ସଂସ୍ଥାସମୂହ** ବିଷୟରେ ବ୍ୟବସ୍ଥାମାନ ସ୍ଥାନିତ କରାଯାଇଛି । ଜିଲ୍ଲାସ୍ତରରେ ଜଣେ ଜିଲ୍ଲା ଜଜ୍‌ଙ୍କ ଯୋଗ୍ୟତା ଥିବା ବ୍ୟକ୍ତିଙ୍କ ଅଧ୍ୟକ୍ଷତାରେ ଆଉ ଦୁଇଜଣ ସଦସ୍ୟଙ୍କୁ ନେଇ ଏକ **ଜିଲ୍ଲା ଫୋରମ୍** ଗଠିତ ହେବ । ଫୋରମ୍ ଏକ ଅଭିଯୋଗ ପାଇଲା ପରେ ତାକୁ ପ୍ରତିପକ୍ଷଙ୍କ ନିକଟକୁ ପଠାଇବେ ଏବଂ ୩୦ଦିନ, ନଚେତ୍ ବିଶେଷ ସ୍ଥଳରେ ୪୫ଦିନ ମଧ୍ୟରେ ନିଜର ଜବାବ ଦେବା ପାଇଁ ନିର୍ଦ୍ଦେଶ ଦେବେ । ଯଦି ପ୍ରତିପକ୍ଷ ଅଭିଯୋଗକୁ ଅସ୍ୱୀକାର କରନ୍ତି, ପ୍ରତିବାଦ କରନ୍ତି ଅଥବା ଫୋରମ୍ ଦ୍ୱାରା ନିର୍ଦ୍ଧାରିତ ସମୟ-ସୀମା ଭିତରେ କୌଣସି ପଦକ୍ଷେପ ନନିଅନ୍ତି, ତେବେ ଜିଲ୍ଲା ଫୋରମ୍ ଏହି ବିବାଦକୁ ଆଇନ୍‌ରେ ବିହିତ ହୋଇଥିବା ପଦ୍ଧତି ଅନୁଯାୟୀ ସମାଧାନ କରିବେ । ବିବାଦିତ ଦ୍ରବ୍ୟର ଗୁଣଗତ ତୃଟିକୁ ନେଇ ଯଦି ଅଭିଯୋଗ ଉଠିଥାଏ, ତେବେ ସଂପୃକ୍ତ ଖାଉଟୀଙ୍କ ଠାରୁ ସେହି ଦ୍ରବ୍ୟ ତଥା ସେହି ଦ୍ରବ୍ୟର ପରୀକ୍ଷା ପାଇଁ ଆବଶ୍ୟକ ଫିସ୍ ସଂଗ୍ରହ କରି ଫୋରମ୍ ସେହି ଦ୍ରବ୍ୟକୁ ଏକ ପରୀକ୍ଷାଗାରରେ ପରୀକ୍ଷା କରାଇବେ । ତତ୍‌ପରେ ପରୀକ୍ଷାଗାରର ରିପୋର୍ଟ ସହିତ ନିଜର ମତାମତକୁ ସଂଯୁକ୍ତ କରି ଫୋରମ୍ ସଂପୃକ୍ତ ପ୍ରତିପକ୍ଷଙ୍କ ନିକଟକୁ ସୂଚନା ପଠାଇବେ । ଯଦି ପ୍ରତିପକ୍ଷ ଉକ୍ତ ପରୀକ୍ଷାର ବିଶ୍ୱସନୀୟତାକୁ ନେଇ ପ୍ରଶ୍ନ କରନ୍ତି, ତେବେ ଫୋରମ୍ ଉଭୟ ପକ୍ଷଙ୍କୁ ନେଇ ଶୁଣାଣି କରିବେ ଏବଂ ଉପଯୁକ୍ତ ଆଦେଶ ଦେବେ । ଯଦି ଖାଉଟୀ ବିବାଦଟି ଦ୍ରବ୍ୟ ବିଷୟରେ ନହୋଇ କୌଣସି ସେବାକୁ କେନ୍ଦ୍ର କରି ଉତ୍ଥାପିତ ହୋଇଥାଏ, ତେବେ ଉଭୟ ପକ୍ଷଙ୍କ ଦ୍ୱାରା ଆଗତ ସାକ୍ଷ୍ୟ-ପ୍ରମାଣ ଭିତ୍ତିରେ ଫୋରମ୍ ସଂପୃକ୍ତ ବିବାଦକୁ ଫଇସଲା କରିବେ । ବିବାଦ ଫଇସଲା କ୍ଷେତ୍ରରେ ଜିଲ୍ଲା ଫୋରମ୍‌ର ଏକ ଦେଓ୍ୱାନି ଅଦାଲତର କ୍ଷମତା ରହିବ । ଏକ କେଶ୍‌ର ଫଇସଲା କରି ଯଦି ଜିଲ୍ଲା ଫୋରମ୍ ହୃଦ୍‌ବୋଦ କରନ୍ତି ଯେ, ଦ୍ରବ୍ୟ ବା ସେବା ଯୋଗାଣ କ୍ଷେତ୍ରରେ ପ୍ରତିପକ୍ଷଙ୍କର ତୃଟିବିଚ୍ୟୁତି ଘଟିଛି, ତେବେ ସେ ଉକ୍ତ ଦ୍ରବ୍ୟ ବା ସେବାର ତୃଟିକୁ ସୁଧାରିବା, ତୃଟିଯୁକ୍ତ ଦ୍ରବ୍ୟ ବା ସେବା ବଦଳରେ ଉପଯୁକ୍ତ ଦ୍ରବ୍ୟ ବା ସେବା ଯୋଗାଇଦେବା, ଆବଶ୍ୟକ ସ୍ଥଳେ ଅଭିଯୋକ୍ତାଙ୍କୁ ମୂଲ୍ୟ ଫେରସ୍ତ ଦେବା ଅଥବା କ୍ଷତିଗ୍ରସ୍ତ ଖାଉଟୀଙ୍କୁ କ୍ଷତିପୂରଣ ଦେବା ପାଇଁ ପ୍ରତିପକ୍ଷଙ୍କୁ ନିର୍ଦ୍ଦେଶ ଦେଇପାରିବେ । ଯଦି ସଂପୃକ୍ତ ପକ୍ଷ ଜିଲ୍ଲା ଫୋରମ୍‌ଙ୍କ ଏତାଦୃଶ ଆଦେଶରେ କ୍ଷୁବ୍‌ଧ ହୁଅନ୍ତି, ତେବେ ସେ ଆଦେଶ ମିଳିବାର ୩୦ ଦିନ ଭିତରେ ରାଜ୍ୟ କମିଶନ୍‌ଙ୍କ ନିକଟରେ ଅପିଲ୍ କରିପାରିବେ ।

ରାଜ୍ୟ ସରକାର ହାଇକୋର୍ଟର ଜଣେ ପୂର୍ବତନ ବା ପଦସ୍ଥ ବିଚାରପତିଙ୍କ ଅଧ୍ୟକ୍ଷତାରେ ଆଉ ଦୁଇଜଣ ସଭ୍ୟଙ୍କୁ ନେଇ ଏକ **ରାଜ୍ୟ କମିଶନ୍** ଗଠନ କରିବେ । ଯେଉଁ ଅଭିଯୋଗର ମୂଲ୍ୟ ୧ଲକ୍ଷ ଟଙ୍କାରୁ କମ୍ ହୋଇନଥିବ, ତାହା ରାଜ୍ୟ କମିଶନ୍ ବିଚାର କରିବେ । ଏହାଛଡା ରାଜ୍ୟ ମଧ୍ୟରେ ଥିବା ଯେ କୌଣସି ଜିଲ୍ଲା ଫୋରମ୍‌ର ଆଦେଶ ବିରୁଦ୍ଧରେ ରାଜ୍ୟ କମିଶନ୍ ଅପିଲ୍‌ର ବିଚାର କରିପାରିବେ । ପୁଣି ରାଜ୍ୟ କମିଶନ୍ ଯଦି ମନେ କରନ୍ତି ଯେ, କୌଣସି ଏକ ବିବାଦ ଫଇସଲାରେ ଜିଲ୍ଲା ଫୋରମ୍ ଆଇନ୍ ବହିର୍ଭୁତ କାର୍ଯ୍ୟ କରିଛନ୍ତି, ତେବେ ସେ ଉକ୍ତ କେଶ୍‌ର କାଗଜପତ୍ର ତଲବ ପାଇଁ ନିର୍ଦ୍ଦେଶ ଦେଇପାରିବେ । ଜିଲ୍ଲା ଫୋରମ୍ ଯେଉଁ ପ୍ରକ୍ରିୟାରେ ଏକ ବିବାଦର ଫଇସଲା କରିଥାନ୍ତି, ରାଜ୍ୟ କମିଶନ୍ ମୋଟାମୋଟି ସେହି ପ୍ରକ୍ରିୟାରେ ବିବାଦମାନ ଫଇସଲା କରିବେ । ଯଦି କୌଣସି ପକ୍ଷ ରାଜ୍ୟ କମିଶନ୍‌ଙ୍କ ଆଦେଶରେ କ୍ଷୁବ୍ଧ ହୁଅନ୍ତି, ତେବେ ସେ ଆଦେଶ ମିଳିବାର ୩୦ଦିନ ଭିତରେ ଜାତୀୟ କମିଶନ୍‌ଙ୍କ ଆଗରେ ଅପିଲ୍ କରିପାରିବେ ।

କେନ୍ଦ୍ର ସରକାର ସୁପ୍ରିମ୍ କୋର୍ଟର ଜଣେ ପୂର୍ବତନ ବା ପଦସ୍ଥ ବିଚାରପତିଙ୍କ ଅଧ୍ୟକ୍ଷତାରେ ଆଉ ୪ଜଣ ସଭ୍ୟଙ୍କୁ ନେଇ ଏକ **ଜାତୀୟ କମିଶନ୍** ଗଠନ କରିବେ । ଯେଉଁ ଅଭିଯୋଗର ମୂଲ୍ୟ ୧୦ଲକ୍ଷ ଟଙ୍କାରୁ କମ୍ ହୋଇନଥିବ, ତାହା ଜାତୀୟ କମିଶନ୍ ବିଚାର କରିବେ । ଏହାଛଡା ଯେ କୌଣସି ରାଜ୍ୟ କମିଶନ୍‌ଙ୍କ ଆଦେଶ ବିରୁଦ୍ଧରେ ଜାତୀୟ କମିଶନ୍ ଅପିଲ୍‌ର ବିଚାର କରିପାରିବେ । ପୁଣି ଜାତୀୟ କମିଶନ୍ ଯଦି ମନେ କରନ୍ତି ଯେ, କୌଣସି ଏକ ବିବାଦ ଫଇସଲାରେ ରାଜ୍ୟ କମିଶନ୍ ଆଇନ୍ ବହିର୍ଭୁତ କାର୍ଯ୍ୟ କରିଛନ୍ତି, ତେବେ ସେ ଉକ୍ତ କେଶ୍‌ର କାଗଜପତ୍ର ତଲବ ପାଇଁ ନିର୍ଦ୍ଦେଶ ଦେଇପାରିବେ । ଜିଲ୍ଲା ଫୋରମ୍ ଓ ରାଜ୍ୟ କମିଶନ୍ ଯେଉଁ ପ୍ରକ୍ରିୟାରେ ଏକ ବିବାଦର ଫଇସଲା କରିଥାନ୍ତି, ଜାତୀୟ କମିଶନ୍ ମୋଟାମୋଟି ସେହି ପ୍ରକ୍ରିୟାରେ ବିବାଦମାନ ଫଇସଲା କରିବେ । ଯଦି କୌଣସି ପକ୍ଷ ରାଜ୍ୟ କମିଶନ୍‌ଙ୍କ ଆଦେଶରେ କ୍ଷୁବ୍ଧ ହୁଅନ୍ତି, ତେବେ ସେ ଆଦେଶ ମିଳିବାର ୩୦ଦିନ ଭିତରେ ସୁପ୍ରିମ୍ କୋର୍ଟଙ୍କ ଆଗରେ ଅପିଲ୍ କରିପାରିବେ ।

ଜିଲ୍ଲା ଫୋରମ୍, ରାଜ୍ୟ କମିଶନ୍ ବା ଜାତୀୟ କମିଶନ୍‌ଙ୍କ ଫଇସଲା ଦେଓ୍ୱାନି ଅଦାଲତର ଆଦେଶ ବା ଡିକ୍ରୀ ଭାବେ ବିବେଚିତ ହେବ । ଯେଉଁସ୍ଥଳେ ସେମାନଙ୍କର କୌଣସି ଆଦେଶକୁ କାର୍ଯ୍ୟରୂପ ଦେବାରେ ଉକ୍ତ ଫୋରମ୍ ବା କମିଶନ୍‌ମାନେ ଅକ୍ଷମ ହୁଅନ୍ତି ସେପରିସ୍ଥଳେ ସେହି ଆଦେଶକୁ ସଂପୃକ୍ତ ଅଦାଲତଙ୍କ ନିକଟକୁ କାର୍ଯ୍ୟରୂପ ଦିଆଯିବା ଉଦ୍ଦେଶ୍ୟରେ ପଠାଯିବ । ଯଦି କୌଣସି ଅଭିଯୋଗ ତୁଚ୍ଛ ବା ବିରକ୍ତିକର ହୋଇଥାଏ ତେବେ ତାହାକୁ ଖାରଜ ପାଇଁ ଫୋରମ୍ ବା କମିଶନ୍‌ମାନଙ୍କର କ୍ଷମତା ରହିବ । **ଧାରା-୨୭(ଦଣ୍ଡବିଧାନ)** ଅନୁଯାୟୀ ଯଦି ଅଭିଯୁକ୍ତ ବ୍ୟବସାୟୀ ବା ବ୍ୟକ୍ତି ଫୋରମ୍ ବା କୌଣସି କମିଶନ୍‌ଙ୍କ ଆଦେଶ ଅବମାନନା କରନ୍ତି, ତେବେ ତାଙ୍କ ବିରୁଦ୍ଧରେ ସର୍ବନିମ୍ନ ୧ମାସରୁ ସର୍ବାଧିକ ୩ବର୍ଷ ଜେଲ୍ ଅଥବା ସର୍ବନିମ୍ନ ୨ହଜାରରୁ ସର୍ବାଧିକ ୧୦ହଜାର ଟଙ୍କାର ଜୋରିମାନା ଅଥବା ଉଭୟ ଦଣ୍ଡ ଲାଗୁ ହେବ । ସ୍ଥଳ ବିଶେଷରେ ଫୋରମ୍ ବା କୌଣସି କମିଶନ୍ ସର୍ବନିମ୍ନ ଦଣ୍ଡକୁ କୋହଳ କରିଦେଇପାରନ୍ତି ।

ଏଠାରେ ଉଲ୍ଲେଖନୀୟ ଯେ, **କେନ୍ଦ୍ରୀୟ ନିୟମାବଳୀ-୧୯୮୭ର ନିୟମ ୧୫(୮)** ଅନୁଯାୟୀ ଜାତୀୟ କମିସନ୍ ଗୋଟିଏ କେଶ୍‌କୁ ଶୁଣାଣିର ପ୬ଥମ ତାରିଖରୁ ୯୦ଦିନ ଭିତରେ ଫଇସଲା କରିବେ । **ଓଡିଶା ଖାଉଟୀ ସୁରକ୍ଷା ନିୟମାବଳୀ-୧୯୮୭ର ନିୟମ ୮(୮)**ରେ ମଧ୍ୟ ଶୁଣାଣିର ପ୍ରଥମ ତାରିଖରୁ ୯୦ଦିନ ଭିତରେ କେଶ୍ ଫଇସଲା ହେବ ବୋଲି ବ୍ୟବସ୍ଥା ରହିଛି । କିନ୍ତୁ **ଓଡିଶା ନିୟମାବଳୀର ନିୟମ ୪(୯)**ରେ କୁହାଯାଇଛି ଯେ, ଯଦି ଅଭିଯୋକ୍ତା ବିଜ୍ଞାନାଗାରରେ ସଂପୃକ୍ତ ଦ୍ରବ୍ୟର ପରୀକ୍ଷା ନଚାହିଁବେ, ତେବେ ଗୋଟିଏ କେଶ୍ ପ୍ରତିପକ୍ଷ ନୋଟିସ୍ ପାଇବାର ୯୦ଦିନ ଭିତରେ ଫଇସଲା ହେବ, ଏବଂ ଯଦି ଅଭିଯୋକ୍ତା ଏପ୍ରକାର ପରୀକ୍ଷା ଚାହାଁନ୍ତି, ତେବେ ୧୫୦ଦିନ ଭିତରେ ଫଇସଲା ହେବ । ପୁଣି ଏହି **ନିୟମାବଳୀର ନିୟମ ୫(୩)**ରେ କୁହାଯାଇଛି ଯେ, ଜିଲ୍ଲା ଫୋରମ୍ ଯେତେବେଳେ କୌଣସି ଦ୍ରବ୍ୟକୁ ବିଜ୍ଞାନାଗାରରେ ପରୀକ୍ଷା ପାଇଁ ପଠାଇବେ, ତହିଁର ରିପୋର୍ଟ ୪୫ଦିନ ମଧ୍ୟରେ ପଠାଇବା ପାଇଁ ସଂପୃକ୍ତ ବିଜ୍ଞାନାଗାରକୁ ନିର୍ଦ୍ଦେଶ ଦେବେ ।